## ଜିଲା କୋଟିଆ ଆଦିବାସୀ ସମାଜର ବୈଠକ

ମାଲକାନଗିରି, (ଡି.ଏନ୍.ଏ.): ମାଲକାନଗିରି ଜଲା ସ୍ୱାଭିମାନ ଅଞ୍ଚଳର ବଡପଦରଠାରେ ବୁଧବାର ଜିଲା କୋଟିଆ ଆଦିବାସୀ ସମାଜର ଏକ ବୈଠକ ହୋଇଥିଲା। ଟିବୁରାମ ଟାଙ୍ଗୁଲଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଦିବାସୀ ନେତା ଘନଶ୍ୟାମ ମାଡକାମି , ମୁଖ୍ୟ ବକ୍ତା ଭାବେ ମାଲକାନଗିରି ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି, ସମ୍ମାନିତ ଅତିଥି ଭାବେ ଆଦିବାସୀ ଅଧିକାର ମଞ୍ଚର ଘେନୁ ମୁଦୁଲି ଉପସ୍ଥିତ ଥିଲେ । ଏହି ବୈଠକରେ ପଛୁଆ ହୋଇ ରହିଥିବା କୋଟିଆ ଅଦିବାସୀ ସମାଜର କିଭଳି ଉନ୍ନତି ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା ।

**ସଂକ୍ଷେପରେ**

### ଉଦ୍ଧାର ୧୧ ଶିଶୁ ଶ୍ରମିକଙ୍କୁ ଥଇଥାନ କରାଯିବ

ମାଲକାନଗିର,୨୪।୨ (ଡି.ଏନ୍.ଏ.): ହ୍ରାଇଦ୍ରାବାଦରେ କାମ କରିବାକୁ ଯାଉଥିବା ବେଳେ ମାଲକାନଗିରି ଜିଲା କାଲିମେଳା ଅଞ୍ଚଳରୁ ୧୧ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ପଦ୍ମଗିରି ଅଞ୍ଚଳର ଏହି ଶିଶୁଙ୍କ ମଧରେ ୯ ଝିଅ ଓ ୨ ଜଣ ପୁଅ ଅଛନ୍ତି। ମାଲକାନଗିରିରୁ ହ୍ରାଇଦ୍ରାବାଦ ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍‌ରୁ ଏହି ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖାଯାଇଛି। ଏମାନଙ୍କୁ ବୁଧବାର ମାଲକାନଗିରି ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଛି । ଏହି ଶିଶୁମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଓ ଶିକ୍ଷାଗତ ଯୋଗ୍ୟତା ଦେଖି ସେମାନଙ୍କୁ ଥଇଥାନ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ କହିଛନ୍ତି।

### ସାମୂହିକ ବ୍ରତପୋନୟନ

କୁନ୍ଦୁରା, ୨୪।୨ (ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଡଙ୍ଗରପାଉଁସୀ ପଞ୍ଚାୟତ ସଦର ମହକୁମାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରଠାରେ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଚାରିକର୍ମ ହୋଇଥିବାବେଳେ ବୁଧବାର ବ୍ରତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। କୁନ୍ଦୁରା ବ୍ଲକର ୧୩ ଜଣ ବ୍ରହ୍ମଚାରୀ ସେମାନଙ୍କ ମାମୁମାଇଁଙ୍କ ଉପସ୍ଥିତିରେ ବ୍ରତ ହୋଇଥିଲେ। ଚଳିତ ବର୍ଷ ଏପରି କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ବର୍ଷରେ ମଧ ଏଭଳି କାର୍ଯ୍ୟ ଜାରି ରହିବ ବୋଲି ବ୍ରାହ୍ମଣ ସମାଜ ସଭାପତି ରାଧାନାଥ ଭଞ୍ଜ, ରାଧାପ୍ରସାଦ ପାତ୍ର, ଭବାନୀ ଶଙ୍କର ରଥ, ଗଣେଶ୍ୱର ଶତପଥୀ, ବିବେକାନନ୍ଦ ପଣ୍ଡା, ରାମକୃଷ୍ଣ ସାବତ ପ୍ରମୁଖ କହିଛନ୍ତି।

### ଭୋଜିରେ ଗଣ୍ଡଗୋଳ ନେଇ ୨ ମାମଲା

ଜୟପୁର,୨୪।୨(ନି.ପ୍ର.): ଜୟପୁର ସଦରଥାନା ଅନ୍ତର୍ଗତ ଟାଙ୍କୁଗୁଡା ଗ୍ରାମରେ ଏକ ବାହାଘର ଭୋଜିରେ ଗଣ୍ଡଗୋଳ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ସଦରଥାନାରେ ଉଭୟ ପକ୍ଷର ଅଭିଯୋଗକ୍ରମେ ୨ଟି ମାମଲା ରୁଜୁ ହୋଇଛି। ୨୨ରେ ଟାଙ୍କୁଗୁଡା ଗ୍ରାମରେ ଏକ ବାହାଘର ଭୋଜି ଚାଲିଥିବା ବେଳେ ସାନ ହରିଜନଙ୍କୁ ସେହି ଗ୍ରାମର ତ୍ରିନାଥ ପେଣ୍ଟିଆ ଓ ତାଙ୍କ ଭାଇମାନେ ଆକ୍ରମଣ କରି ଗାଳିଗୁଲଜ କରିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ସେହିପରି ଦୁର୍ଯ୍ୟୋଧନ ପେଣ୍ଟିଆ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ସାନ ହରିଜନ ସେହି ରାତିରେ ତାଙ୍କ ଘର ସମ୍ମୁଖରେ ଆସି ଗାଳିଗୁଲଜ କରିଥିଲେ। ଏନେଇ ପରଦିନ ଗାଁରେ ବୈଠକ ଡକାଯାଇଥିଲା। ସେଠାରେ ସାନହରିଜନ ଓ ତାଙ୍କର ସମ୍ପର୍କୀୟମାନେ ଦୁର୍ଯ୍ୟୋଧନ ଓ ତାଙ୍କ ପୁଅକୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ।

### ଟିଭି ଚୋରି କରି ଜଣେ ଗିରଫ

ଜୟପୁର,୨୪।୨(ନି.ପ୍ର.): ଜୟପୁର ଟାଉନଥାନା ଅଞ୍ଚଳର ଏକ ତାଲା ପିକଅପ ଭ୍ୟାନରୁ ଟିଭି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଗୋପବନ୍ଧୁ ନଗର ଅଞ୍ଚଳର ରବିନ୍ଦ୍ର ବାଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୩ରେ ବ୍ରହ୍ମପୁର ସହରର ଜୀବନ ନାୟକ ପିକ୍‌ଅପ ଭ୍ୟାନରେ ୨ଟି ଟିଭି ନେଇ ଜୟପୁର ସହରକୁ ଆସିଥିଲେ। ଦୋକାନ ବନ୍ଦ ଥିବାରୁ ସକାଳୁ ଟିଭି ଦୋକାନରେ ଦେବା ପାଇଁ ଜୟପୁରରେ ରହିଯାଇଥିଲେ। ରାତିରେ ସେଥିରୁ ଗୋଟିଏ ଟିଭି ଚୋରି ହୋଇଯାଇଥିଲା। ଏନେଇ ଜୀବନ ଥାନାରେ ଅଭିଯୋଗ କରିଥିଲେ।

### ଅନ୍‌ଲାଇନ ପ୍ରବନ୍ଧ ପ୍ରତିଯୋଗିତା

ଗୋବିନ୍ଦପାଲି,୨୪।୨(ଡି.ଏନ୍.ଏ.): ଗୋବିନ୍ଦପାଲିସ୍ଥିତ ସପ୍ତଧାରା ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଅବସରରେ ରାଜ୍ୟସ୍ତରୀୟ ଅନ୍‌ଲାଇନ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬ ଜଣ ଅଂଶଗ୍ରହଣ କରି ମାତୃଭାଷା ଶୀର୍ଷକ ପ୍ରବନ୍ଧ ରଚନା କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅନ୍‌ଲାଇନ ମାଧମରେ ମଙ୍ଗଳବାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସଂସଦ ସଭାପତି ତୁଷାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି କେ. ତ୍ରିମୂଳା ଆଚାରୀ, ସମ୍ପାଦକ ଅଜୟ କୁମାର ମଲିକ, ସହ ସମ୍ପାଦକ ଗୋପବନ୍ଧୁ ମିଶ୍ର ପରିଚାଳନା କରିଥିଲେ। ରାଜଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି

ବୈପାରିଗୁଡ଼ା,୨୪।୨(ଡି.ଏନ୍.ଏ.)

ଗ୍ରାମାଞ୍ଚଳ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉଛି । ତେବେ ଅନେକ ସମୟରେ କେତେଜଣ ନ୍ୟସ୍ତ ସ୍ୱାର୍ଥ କର୍ମଚାରୀ ସମସ୍ତ ସରକାରୀ ନିୟମ ଉଲ୍ଲଂଘନକରି ଯୋଜନାକୁ ବାଟବଣା କରୁଛନ୍ତି। ଜଣେ ହିତାଧିକାରୀଙ୍କ ନାମରେ ଆବାସ ମଞ୍ଜୁର ହୋଇଥିଲେ ମଧ ତାଙ୍କ ଅର୍ଥ ପ୍ରଶାସନ ଅନ୍ୟ ଜଣକୁ ପ୍ରଦାନ କରିଛି। ଫଳରେ ପ୍ରକୃତ ହିତାଧିକାରୀ ଘର କରି ପାରି ନାହାନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ପେନ୍ଦାପଡ଼ା ପଞ୍ଚାୟତରେ ।

ଖବରରୁ ଜଣାପଡ଼ିଛି ୨୦୧୯-୨୦ରେ ପେନ୍ଦାପଡ଼ା ଗ୍ରାମର ସନସାଇ ହରିଜନଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆସିଥିବା ତାଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଜଣାଇଥିଲେ । ଏନେଇ ସନସାଇ ଆବଶ୍ୟକ କାଗଜପତ୍ର ପଞ୍ଚାୟତ ଅଫିସ୍‌ରେ ଦାଖଲ କରିଥିଲେ । ୱାର୍କଅର୍ଡର ମାଗିବାରୁ ବିନା ୱାର୍କଅର୍ଡରରେ କାମ କରିବାକୁ ତାଙ୍କୁ କୁହାଯାଇଥିଲା। ଜାଗା ଅଭାବରୁ ସନସାଇ ନିଜେ ରହୁଥିବା ପୁରୁଣା ଘର ଭାଙ୍ଗି ସେ ଘର ତିଆରି ଆରମ୍ଭ କରିଥିଲେ। ରାମଗିରି ଉତ୍କଳ ବ୍ୟାଙ୍କରେ ଥିବା ତାଙ୍କ ଜମାଖାତା (ନଂ. ୦୦୦୦୧୨୨୮୩୦୫୬୪୩୯)କୁ ୨ଟି କିସ୍ତିର ଟଙ୍କା ଆସିଥିଲା। ୨୨।୧୧।୧୯ରେ





ଗୁହାଳ ଘରେ ଆଶ୍ରୟ ନେଇଛନ୍ତି ସନ୍‌ସାଇଙ୍କ ପରିବାର ।

ଘର ପାଇନଥିବା ପ୍ରକୃତ ହିତାଧିକାରୀ ସମାର ହରିଜନ।

- ହିତାଧିକାରୀ ଜଣେ, ଘର କରିଛନ୍ତି ଅନ୍ୟ ଜଣେ
- କର୍ମଚାରୀଙ୍କୁ ଘଣ୍ଟ ଘୋଡ଼ାଉଛି ପ୍ରାଶାସନ

ଫାଉଣ୍ଡେଶନ ବାବଦକୁ ପ୍ରଥମ କିସ୍ତି ୨୦ ହଜାର ଏବଂ ୪।୨।୨୦ରେ ପ୍ଲିଣ୍ଟ ଲେଭେଲ କାମ ପାଇଁ ଦ୍ୱିତୀୟ କିସ୍ତି ୩୫ ହଜାର ଟଙ୍କା ଆସିଥିଲା। ପରେ ସେ ତୃତୀୟ କିସ୍ତି ୪୫ ହଜାର ଟଙ୍କା ପାଇବା କଥା । ମାତ୍ର ତାଙ୍କୁ ତୃତୀୟ କିସ୍ତି ଦେବାକୁ ପ୍ରଶାସନ ମନା କଲା । କାରଣ ଯେଉଁ ଘରଟି ସନସାଇ କରିଛନ୍ତି ତାହା ଅନ୍ୟ ଜଣଙ୍କ ନାଁରେ ରହିଛି । ଏବେ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ କରିବାକୁ ସନସାଇଙ୍କ ପାଖରେ ସମ୍ବଳ ନାହିଁ। ପିଇଓ ଏବଂ ଜିଆର୍‌ଏସ୍‌ଙ୍କ କଥାରେ ପୁରୁଣା ଘର ଭାଙ୍ଗି ଦେଇଥିବାରୁ ଏବେ ପରିବାର ନେଇ ମୁଣ୍ଡ ଗୁଞ୍ଜିବାକୁ ହନ୍ତସନ୍ତ ହେଉଛନ୍ତି। ୬ ପ୍ରାଣୀର ପରିବାରକୁ ନେଇ ଏକ ଗୁହାଳଘରେ ଆଶ୍ରୟ ନେଇଛନ୍ତି।

ଅନ୍ୟପକ୍ଷରେ ସନସାଇଙ୍କ ନାମ ହିତାଧିକାରୀ ତାଲିକାରେ ନ ଥିବା ସରକାରୀ ୱେବ୍ ସାଇଟ୍‌ରୁ ଜଣାପଡ଼ିଛି । ଏଥିରେ ସେହି ପଞ୍ଚାୟତର ପେନ୍ଦାପଡ଼ା ଗ୍ରାମର ସମାରୁ ହରିଜନ ନାମକ ଜଣେ ହିତାଧିକାରୀଙ୍କ ନାମ ତାଲିକାରେ ରହିଛି । ତାଙ୍କ ଆଇଡି ହେଲା- ଓ ଆର୍ ୪୭୮୦୮୩୪ । ବୈପାରିଗୁଡ଼ା ଷ୍ଟେଟବ୍ୟାଙ୍କ ଶାଖାରେ ଥିବା ତାଙ୍କ ପାସ୍‌ବୁକ୍ ନଂ ୩୭୦୧୭୫୧୧୦୭୨କୁ ସେହି ସମାନ ୨ଟି ତାରିଖରେ ସମାନ କିସ୍ତି ଟଙ୍କା ଛଡ଼ାଯାଇଥିବା ଦର୍ଶାଯାଇଛି। ତେବେ ସେଥିରେ ଅପ୍‌ଲୋଡ୍ କରାଯାଇଥିବା ନିର୍ମାଣାଧୀନ ଘର ସହ ହିତାଧିକାରୀଙ୍କ ଫଟୋ ସନସାଇଙ୍କର ବୋଲି ଜଣାପଡିଛି । ଅପରପକ୍ଷରେ ପ୍ରକୃତ ହିତାଧିକାରୀ ସମାରୁ ହରିଜନ ଆଦୌ ଘର ନିର୍ମାଣ କରିନାହାନ୍ତି। ତାଙ୍କ ପାଖକୁ କୌଣସି ଟଙ୍କା ଆସି ନ ଥିବା ସେ କହିଛନ୍ତି। ସମାରୁ କହିଛନ୍ତି, ତାଙ୍କର ଆବାସ ହୋଇଥିବା ପ୍ରଥମେ ତାଙ୍କୁ କୁହାଯାଇଥିଲା। ପରେ ସେ ମାଟି ଇଟା ପୋଡିବା ସହ ୩ ଟ୍ରିପ୍ ବୋଲ୍‌ଡର ପକାଇଥିଲେ । ଏ ବାବଦକୁ ୩୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ମାତ୍ର ଘର ପାଇଁ ବର୍ଷ ତମାମ ପଞ୍ଚାୟତ ଅଫିସ୍ ଓ ବ୍ଲକ ଅଫିସକୁ ବାରମ୍ବାର ଦୌଡ଼ିଥିଲେ ମଧ କେହି ତାଙ୍କ କଥା ଶୁଣି ନ ଥିଲେ । ଶେଷରେ କରଜ ୩୦ ହଜାର ଟଙ୍କା ଶୁଝିବା ପାଇଁ ଇଟା ୨୦ ହଜାର ଟଙ୍କାରେ ଏବଂ ଅମଳ କରିଥିବା ଧାନ ୧୦ ହଜାର ଟଙ୍କାର ବିକ୍ରି କରି ଦେଇଥିଲେ । ଏବେ ସେ ପୁଅ ବୋହୂ ନାତି ନାତୁଣୀଙ୍କ ସହ ୮ ଜଣ ଝଟିମାଟି ଘରେ ରହୁଛନ୍ତି। ଏ ସମ୍ପର୍କରେ ବ୍ଲକ ଆବାସ କୋର୍ଡିନେଟର ପ୍ରଫୁଲ୍ଲ ସାମନ୍ତରାୟଙ୍କୁ ପଚାରିବାରୁ ସେ ଆବାସ ଯୋଜନାରେ ଜାଲିଆତି ହେବା ଘଟଣାକୁ ସ୍ୱୀକାର କରିଛନ୍ତି। ଉକ୍ତ ଘଟଣାର ସମାଧାନ ପାଇଁ ସନସାଇଙ୍କ ନାମରେ ଏକ ଆଇଡି ଖୋଲାଯିବ । ତାଙ୍କୁ ହିତାଧିକାରୀ ତାଲିକାଭୁକ୍ତ କରାଯାଇ ତାଙ୍କ ନାମରେ ଅନ୍ୟ ଏକ ପାସ୍‌ବୁକ୍ ଖୋଲାଯିବ। ପର୍ଯ୍ୟାୟକ୍ରମେ ବଳକା ୨ଟି କିସ୍ତି ବାବଦ ପ୍ରାପ୍ୟ ତାଙ୍କୁ ପ୍ରଦାନ କରାଯିବ। ଏହି ଟଙ୍କାରୁ ସମାରୁଙ୍କୁ ସନସାଇ କିଛି ଟଙ୍କା ଫେରସ୍ତ କରିବେ। ସମାରଙ୍କୁ ମଧ ବଳକା ଥିବା ଆଉ ୨ଟି କିସ୍ତି ଅର୍ଥ ମିଳିବ ବୋଲି ସାମନ୍ତରାୟ କହିଥିଲେ। ତେବେ ସମାରୁ ଗୃହ ନିର୍ମାଣ ବାବଦରେ ପ୍ରଥମ ଓ ଦ୍ୱିତୀୟ କିସ୍ତି ଅର୍ଥ ପାଇ ନ ଥିବା ପ୍ରକାଶ କରୁଥିବା ବେଳେ ପ୍ରଶାସନ ତାଙ୍କୁ ୨ଟି କିସ୍ତି ଅର୍ଥ ପ୍ରଦାନ କରାଯାଇଥିବା କହୁଛି। ଏହାର ସତ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ପଞ୍ଚାୟତ ସମେତ ବ୍ଲକର ଅନେକ ସ୍ଥାନରେ ଏପରି ଜାଲଆତି ହୋଇଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ନେଇ ବିଭିନ୍ନ ମହଲରୁ ଦାବି ହେଉଛି ।

## ରାଲେଗଡା ପଞ୍ଚାୟତ ଉପ ନିର୍ବାଚନ ୭୫ ପ୍ରତିଶତ ମତଦାନ

ପଟ୍ଟାଙ୍ଗୀ,୨୪।୨(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାଲେଗଡା ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ବୁଧବାର ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୭୫ ପ୍ରତିଶତ ମତଦାନ ହୋଇଛି । ଏହି ପଞ୍ଚାୟତର ସରପଞ୍ଚ ରାମ କୋଟାଙ୍କ ମୃତ୍ୟୁ ପରେ ସରପଞ୍ଚ ପଦ ଖାଲି ପଡିଥିଲା। ଦାୟିତ୍ୱରେ ନାଏକ ସରପଞ୍ଚ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୧୧ଟି ଓ୍ୱାର୍ଡରେ ୧୧ଟି ମତଦାନ କେନ୍ଦ୍ର ହୋଇଥିଲା। ପଞ୍ଚାୟତର ୨୮୧୭ ଭୋଟରଙ୍କ ମଧ୍ୟରୁ ୨୦୪୮ ଜଣ ମତଦାନ କରିଥିଲେ। ଏଥିରୁ ପୁରୁଷ ଭୋଟର ୧୦୧୪ ରହିଥିବା ବେଳେ ମହିଳା ଭୋଟର ୧୦୩୪ ବୋଲି ଜଣାପଡିଛି। କଂଗ୍ରେସ ଓ ଭାଜପା ସମର୍ଥନରେ ସରପଞ୍ଚ ପ୍ରାର୍ଥୀ ଭାବେ ତ୍ରିନାଥ କୋଟା ଛିଡ଼ା ବିଜେଡି ସମର୍ଥନରେ ଆପାନା ଜାନି ପ୍ରାର୍ଥୀ ହୋଇଥିଲେ। ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ସକାଳ ୯ ଟାରୁ ଭୋଟ ଗଣତି ହେବ। ଉପ ନିର୍ବାଚନରେ ପଟ୍ଟାଙ୍ଗୀ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

## କ୍ରିକେଟ ଖେଳାଳି ଚୟନ ଆରମ୍ଭ



ଶିବିରରେ ଖେଳାଳି ଚୟନ କରାଯାଉଛି।

ଜୟପୁର, ୨୪।୨ (ନି.ପ୍ର.)

ଜୟପୁର ଦଶହରା ପଡିଆରେ ୧୪ ଓ ୧୬ ବର୍ଷରୁ କମ ବୟସର କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ୮୦ ଜଣ ଖେଳାଳି ଭାଗ ନେଇଥିଲେ । ଯେଉଁମାନେ ଚୟନ ହେବେ ସେମାନଙ୍କୁ ନେଇ ଜିଲା ଟିମ ଗଠନ ହେବ। ୧୮ ସୁଦ୍ଧା ଖେଳାଳିଙ୍କୁ ନାମ ପଞ୍ଜୀକରଣ କରିବା ଲାଗି କୁହାଯାଇଥିଲା। ଏହି ଖେଳାଳିଙ୍କ ଭିତରୁ ବୋଲର, ବ୍ୟାଟସମ୍ୟାନ , ଉଇକେଟ କିପର ମଧ ଚୟନ ହେବ । ୧୫ ଜଣକୁ ନେଇ ଗୋଟିଏ ଲେଖାଏ ଟିମ କରାଯିବ । ଟିମ୍‌ରେ ୧୧ ଜଣ ୧୬ ବର୍ଷରୁ କମ ଓ ୪ ଜଣ ୧୪ ବର୍ଷରୁ ବର୍ଗର ଖେଳାଳି ରହିବେ। ୨୫ରୁ ମାର୍ଚ୍ଚ ୨ ଯାଏ ମ୍ୟାଚ ହେବ ।

## ବ୍ରିଜ୍ ତଳକୁ ବାଇକ୍ ଖସି ଜଣେ ମୃତ

ପଟ୍ଟାଙ୍ଗୀ,୨୪।୨(ଡି.ଏନ.ଏ.)

ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ରେଣୁ ଗ୍ରାମ ନିକଟସ୍ଥ ଏକ ବ୍ରିଜ ତଳକୁ ବାଇକ୍ ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ପୁକାଲି ପଞ୍ଚାୟତ ମୁଳାଶଙ୍କର ଗ୍ରାମର ପୂର୍ଣ୍ଣ ପୁଜାରୀ ବାଇକ୍ ନଂ ଓଡ଼ି ୧୦ଏନ-୨୧୪୦) ଯୋଗେ ସେମିଳିଗୁଡା ବ୍ଲକ ସାଡାମ ପଞ୍ଚାୟତର ରେଣୁ ଗ୍ରାମରେ ହୋଇଥିବା ହାଟର ଉଦଘାଟନୀ ଉତ୍ସବ ସାରି ଗ୍ରାମକୁ ଫେରୁଥିବା ବେଳେ ଗ୍ରାମ ନିକଟରେ ଥିବା ଏକ ବ୍ରିଜ ତଳକୁ ଖସି ପଡିଥିଲେ। ଏହା ଦେଖି ରେଣୁ ଗ୍ରାମବାସୀ ମୂଳାଶଙ୍କର ଗ୍ରାମକୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପଟ୍ଟାଙ୍ଗୀ ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ତତ୍ତ୍ୱାବଧାନରେ ପୋଲିସ ବ୍ରିଜତଳୁ ପୂର୍ଣ୍ଣଙ୍କ ମୃତଦେହ ଉଦ୍ଧାର କରି ବିଳମ୍ବିତ ରାତିରେ ପଟ୍ଟାଙ୍ଗୀ ଡାକ୍ତରଖାନାକୁ ପଠାଇଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ରେ ବିଳମ୍ବ ଯୋଗୁ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

## କୋରାପୁଟ: ବନ ଅଧିକାରୀଙ୍କ ତାଲିମ ଶିବିର ଉଦ୍‌ଯାପିତ




ଜଣେ ତାଲିମଧାରୀଙ୍କୁ ଅତିଥି ପ୍ରମାଣପତ୍ର ଦେଉଛନ୍ତି।

କୋରାପୁଟ,୨୪।୨(ସ୍ୱ.ପ୍ର.)

କୋରାପୁଟସ୍ଥିତ କୋଟସ ପକ୍ଷରୁ ସ୍ଥାନୀୟ ସମ୍ମିଳନୀ କକ୍ଷରେ କୋରାପୁଟ ବନଖଣ୍ଡ ଅଧୀନରେ ଥିବା ସମସ୍ତ ଅଧିକାରୀମାନଙ୍କୁ ନେଇ ମାନବ ସମ୍ବଳ ବିକାଶ ସମ୍ପର୍କିତ ଚାଲିଥିବା ତିନିଦିନିଆ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କୋଟସର ନିର୍ଦ୍ଦେଶକ ପି ସି ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଏଫଓ ରିଙ୍କି କୁମାରୀ ଯୋଗଦେଇ ତାଲିମ ଗ୍ରହଣ କରିଥିବା ୩୩ ବନ କର୍ମଚାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ, ଏସିଏଫ ରଞ୍ଜନ କୁମାର ନାଗ, ଏସିଏଫ୍ ଉମା ମହେଶ, ରେଞ୍ଜର ରୋହିତ କୁମାର ଉପସ୍ଥିତ ଥିଲେ। ଏହି ଅବସରରେ ତାଲିମପ୍ରାପ୍ତ କର୍ମଚାରୀମାନେ ନବରଙ୍ଗପୁର ଜିଲାର ପାପଡାହାଣ୍ଡିସ୍ଥିତ ହରିଣ ପାର୍କରେ ଥିବା ଔଷଧୀୟ ଉଦ୍ୟାନ ପରିଦର୍ଶନରେ ଯାଇଥିଲେ । ଡ. ନରେନ୍ଦ୍ର କୁମାର ରଥ ଏବଂ ଗୋପୀନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସୂଚନାଯୋଗ୍ୟ ଏହି ଶିବିର ସୋମବାରଠାରୁ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ରୂପେ କୋରାପୁଟବାସିନ୍ଦା ତଥା ଉତ୍ତର ପ୍ରଦେଶ ଲକ୍ଷ୍ନୌରେ ଏଡିଜି ଥିବା ଡ. ସତ୍ୟ ନାରାୟଣ ସାବତ ଉଦ୍‌ଘାଟନ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ପୂର୍ବତନ ଜିଲାପାଳ ଗଦାଧର ପରିଡା ଯୋଗ ଦେଇଥିଲେ।

## ମନ୍ତ୍ରୀଙ୍କ ଉତ୍ତର ନେଇ ପ୍ରକାଶ ପାଇଲା ଅସନ୍ତୋଷ

ବୋରିଗୁମ୍ମା,୨୪।୨ (ଡ଼ି.ଏନ.ଏ.)

**ବୋରିଗୁମ୍ମା ଏନଏସି ହେବା ପ୍ରସଙ୍ଗ**

ଅବିଭକ୍ତ କୋରାପୁଟ ଜିଲାର ଏକ ବଡ ବ୍ଲକ ହେଉଛି ବୋରିଗୁମ୍ମା ବ୍ଲକ। ବ୍ଲକର ସଦର ମହକୁମା ହେଉଛି ବୋରିଗୁମ୍ମା। ୩ ପ୍ରମୁଖ ରାଜନୈତିକ ଦଳର ଧାରଣା, ଆନ୍ଦୋଳନ ପରେ ବୋରିଗୁମ୍ମାକୁ ଏନଏସି ମାନ୍ୟତା ମିଳିବ ବୋଲି ପାଇଁ ଆଶା ରହିଥିଲା। ମାତ୍ର ମଙ୍ଗଳବାର ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉତ୍ତର ପରେ ବୋରିଗୁମ୍ମା ଏନଏସି ମାନ୍ୟତା ପାଇବା ନେଇ ଆଶା ମଉଳିଯାଇଛି। ମଙ୍ଗଳବାର ବିଧାନସଭାରେ ପ୍ରଶ୍ନ କାଳରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରଶ୍ନ କରିଥିଲେ ବୋରିଗୁମ୍ମା ସହରର ଜନସଂଖ୍ୟା ୧୩,୫୦୦ ହେଲାଣି। ତୁରନ୍ତ ବୋରିଗୁମ୍ମାକୁ ଏନଏସିର ମାନ୍ୟତା ପ୍ରଦାନ କରାଯାଉ। ବିଭାଗୀୟ ମନ୍ତ୍ରୀ ଜେନା କହିଥିଲେ ଯେ ବୋରିଗୁମ୍ମା ପ୍ରସ୍ତାବିତ ଏନଏସି ପାଇଁ ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ୩୦୭୩ ରହିଥିବା ବେଳେ ବର୍ତ୍ତମାନ ଜନସଂଖ୍ୟା ୩୫୦୦ ରହିଛି। ଏନଏସି ପାଇଁ ୧୦ ହଜାର ଜନସଂଖ୍ୟା ଆବଶ୍ୟକ ଥିବାରୁ ବୋରିଗୁମ୍ମା ଏନଏସି ହୋଇନାହିଁ। ମନ୍ତ୍ରୀଙ୍କ ଏଭଳି ଉତ୍ତରରେ ବୋରିଗୁମ୍ମା ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୧୧ ଜନଗଣନା ଅନୁସାରେ ବୋରିଗୁମ୍ମା ସହରରେ ଜନସଂଖ୍ୟା ୯୭୮୫ ରହିଥିବା ବେଳେ ସହରକୁ ଲାଗିଥିବା ରାଜସ୍ୱ ଗ୍ରାମ ଦୁଲ୍ଲାଗୁଡାରେ ୧୦୯୮, ଖୁଡ଼ିଗୁଡାରେ ୫୮୨ ଓ ଝିଲିମିଲିରେ ୩୦୭୩ ଜଣ ବସବାସ କରୁଛନ୍ତି। ବୋରିଗୁମ୍ମା ପଞ୍ଚାୟତରେ ୨୦୧୧ ଜନଗଣନା ଅନୁସାରେ ୧୪,୫୩୮ ଲୋକ ବସବାସ କରୁଛନ୍ତି। ୨୦୧୮ ରେ କୋରାପୁଟ ଜିଲାପାଳ ଥିବା ମଧୁସୂଦନ ମିଶ୍ର ବୋରିଗୁମ୍ମାରେ ୩୫୦୦ ଲୋକ ରହୁଛନ୍ତି ବୋଲି ନଗର ଉନ୍ନୟନ ବିଭାଗକୁ ଜଣାଇଲେ। ତତ୍କାଳୀନ ଜିଲାପାଳ କିପରି ଏହି ସଂଖ୍ୟା ଜାଣିଲେ ଏବଂ କେଉଁ ତଥ୍ୟକୁ ଆଧାର କରି ନଗର ଉନ୍ନୟନ ବିଭାଗକୁ ଜଣାଇଥିଲେ ନେଇ ଏବେ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ତୁରନ୍ତ ସଂଶୋଧନ କରି ବୋରିଗୁମ୍ମାକୁ ଏନଏସି ମାନ୍ୟତା ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଏପ୍ରିଲ ୨୦୨୦ ସୁଦ୍ଧା ବୋରିଗୁମ୍ମା ଜନସଂଖ୍ୟା ୧୭,୨୮୫ ରହିଥିଲା। ସେଥିରୁ ପୁରୁଷ ୮୮୮୯ ଥିବା ବେଳେ ମହିଳା ୮୩୯୬ ଜଣ ଅଛନ୍ତି।

## ଡାକ୍ତର ନ ଆସିବାରୁ ଚାଲିଗଲା ରୋଗୀଙ୍କ ଜୀବନ

ଚିତ୍ରକୋଣ୍ଡା,୨୪।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ସମୟ ଧରି ଡାକ୍ତର ନ ଆସିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଚିତ୍ରକୋଣ୍ଡା ସାଇମନ୍ଦିର ପଛ ସାହିର ବିଜୁ ନାୟକ (୨୯)। ଏହାକୁ ନେଇ ଡାକ୍ତରଖାନା ପରିସରରେ ୩ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଖବରରୁ ଜଣାପଡିଛି ବୁଧବାର ଅପରାହ୍ନରେ ବିଜୁ ଖେଳ ପଡିଆରେ ଲାଲବାହାଦୁର ଶାସ୍ତ୍ରୀ କ୍ରିକେଟ କ୍ଲବ ପକ୍ଷରୁ ହେଉଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଦେଖୁଥିଲେ। ଏହି ସମୟରେ ତାଙ୍କର ହଠାତ ଛାତିରେ ଯନ୍ତ୍ରଣା ହେବାରୁ କ୍ଲବ ପିଲା ମାନେ ଚିତ୍ରକୋଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତରଖାନାରେ ସେତେବେଳେ କେବଳ ଜଣେ ଆଟେଣ୍ଡାଣ୍ଟ ସଦାନନ୍ଦ ଥିଲେ। ଡାକ୍ତର,ଷ୍ଟାଫ ନର୍ସ କେହି ନ ଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା କରି ଡାକ୍ତର ନ ଆସିବାରୁ ବିଜୁଙ୍କ ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ସଦାନନ୍ଦ ଡାକ୍ତର ଡାକିବାକୁ ଯାଇଥିଲେ ମଧ ଡାକ୍ତର ଆସିବାରେ ବିଳମ୍ବ ହେବାରୁ ଚିକିତ୍ସା ନ ପାଇ ବିଜୁଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ପରିବାର ଲୋକେ ଏବଂ କ୍ଲବ ସଦସ୍ୟ ମାନେ ଡାକ୍ତରଖାନାକୁ ଘେରାଉ କରଥିଲେ। ଗୁରୁବାର ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରାଯିବ ବୋଲି କ୍ଲବ ପକ୍ଷରୁ ଜଣାପଡିଛି।

## ପଣସ ତଳେ ଗଞ୍ଜେଇ ରଖି ଚାଲାଣ ଧରାପଡିଲା

ମାଲକାନଗିରି,୨୪।୨(ଡି.ଏନ.ଏ.)



ଏକ ପଣସ ବୋଝେଇ ପିକ୍‌ଅପ ଭ୍ୟାନରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ମାଲକାନଗିରି ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ଏହାକୁ ଧରିଛନ୍ତି। ଏଥିରୁ ୮କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଏହି ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହା ଚିତ୍ରକୋଣ୍ଡା ଅଞ୍ଚଳରୁ ଚାଲାଣ ହେଉଥିଲା। ଏଥିରେ ଜଣେ କନଷ୍ଟେବଲ ସମ୍ପୃକ୍ତ ଥିବା ଜଣାପଡିଛି।

## ଅଦା ବୋଝେଇ ଟ୍ରକ୍‌ରେ ଗଞ୍ଜେଇ

ଜୟପୁର, ୨୪।୨ (ନି.ପ୍ର.)

ଅଭିନବ ଉପାୟରେ ଏବେ ଗଞ୍ଜେଇ ଚାଲାଣ ହେଉଛି। ଏକ ଅଦା ବୋଝେଇ ଟ୍ରକ୍ ଯାଞ୍ଚ ବେଳେ ସେଥିରୁ ଗଞ୍ଜେଇ ମିଳିଛି। କୋରାପୁଟ ଜିଲା ଲମତାପୁଟଠାରୁ ଉତ୍ତର ପ୍ରଦେଶ ଅଦା ଭିତରେ ଗଞ୍ଜେଇ ଯାଉଥିବା ଖବର ପାଇ ଜୟପୁର ସଦର ଥାନା ପୋଲିସ ବାମୁଣି ଗାଁ ନିକଟରେ ସମ୍ପୃକ୍ତ ଟ୍ରକ୍ (ୟୁପି ୭୨ଏଟି-୨୧୭୦) ଅଟକାଇ ଯାଞ୍ଚ କରିଥିଲା। ଟ୍ରକ୍‌ରେ ଉପରେ ଅଦା ଓ ଭିତରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏଥିରେ ସମ୍ପୃକ୍ତ ଜଣକୁ ଅଟକ ରଖା ଯାଇଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି ।

# ପ୍ରତି ଘରେ ପହଞ୍ଚିବ ସ୍ୱାସ୍ଥ୍ୟସେବା: ଜିଲା ପ୍ରଶାସନ

କୋରାପୁଟ,୨୪।୨(ସ୍ୱ.ପ୍ର.)

**ଫୋକସରେ କୋଟିଆ ପଞ୍ଚାୟତ**

- ୪୬ ଜଣ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି
- ପ୍ରତି ବୁଧବାର ହେବ କୋଭିଡ୍ ଟେଷ୍ଟ
- ସ୍ୱାସ୍ଥ୍ୟ ସଚେତନତା ପାଇଁ ହେବ ବୈଠକ




କୋରାପୁଟ ଜିଲା ସୀମାନ୍ତ ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତର ସର୍ବାଙ୍ଗିନ ବିକାଶ ଲକ୍ଷ୍ୟ ନେଇ ସମସ୍ତ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି । ଜିଲାପାଳ ମହମ୍ମଦ ଅବଦାଲ ଅଖ୍ତାରଙ୍କ ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସ୍ୱତନ୍ତ୍ର କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଛି । କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଏଏନଏମ, ଜଣେ ଆଟେଣ୍ଡାଣ୍ଟ, ଜଣେ ସୁରକ୍ଷା କର୍ମଚାରୀ, ଜଣେ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି । ସେହିପରି କୋଟିଆ ସବସେଣ୍ଟର ପାଇଁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ, ଜଣେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୯ ଜଣ ଆଶାକର୍ମୀ, ୮ ଜଣ ଅଙ୍ଗନୱାଡି କର୍ମଚାରୀ ଏବଂ ଥୁରିଆ ସବସେଣ୍ଟର ଲାଗି ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ, ଜଣେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୯ ଜଣ ଆଶା କର୍ମୀ, ୧୦ ଜଣ ଅଙ୍ଗନୱାଡି କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏମାନେ ଘର ଘର ବୁଲି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ପଚାରି ବୁଝିବେ। ଶିଶୁର ସ୍ୱାସ୍ଥ୍ୟ, ପରିବାର ନିୟନ୍ତ୍ରଣ, ଡାଇବେଟିସ, ବ୍ଲଡପ୍ରେସର କର୍କଟ, ହୃଦଘାତ ସମସ୍ୟା ନେଇ ସେମାନଙ୍କୁ ପଚାରି ତଥ୍ୟ ସଂଗ୍ରହ କରିବେ। ସେହିପରି ଗ୍ରାମରେ ଗ୍ରାମ କଲ୍ୟାଣ ସମିତି ଜରିଆରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଲୋକଙ୍କୁ ସଚେତନତା କରିବାକୁ ବୈଠକ କରିବା, ମ୍ୟାଲେରିଆ ନେଇ ଲୋକଙ୍କୁ ସଚେତନ କରିବା, ମଶାରି ବଣ୍ଟନ କରିବା ଲାଗି କୁହାଯାଇଛି। ବୁଧବାର ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ସୌମ୍ୟଜିତ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜୟ କୁମାର ଖିଲ, ଅଜୟ ବେହେରା କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ଗ୍ରାମକୁ ଯାଇ ଲୋକମାନଙ୍କ କୋଭିଡ ପରୀକ୍ଷା କରିଥିବା ଜଣାଯାଇଛି । ସପ୍ତାହର ପ୍ରତି ବୁଧବାର କୋଟିଆ ପଞ୍ଚାୟତରେ ଲୋକଙ୍କ କୋଭିଡ ପରୀକ୍ଷା କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି । ମ୍ୟାଲେରିଆର ମୁକାବିଲା ପାଇଁ ୨୦୨୦ ରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟିଆ ପଞ୍ଚାୟତରେ ୪ ହଜାର ୯୧୮ ଜଣଙ୍କୁ ଔଷଧୀୟ ମଶାରୀ ବଣ୍ଟନ କରାଯାଇଥିବା ସିଡିଏମଓ ମକରନ୍ଦ ବେଉରା କହିଛନ୍ତି।

## ବେଆଇନ ମଦ କାରବାର ଅଭିଯୋଗରେ ୩ ଗିରଫ

ରାଇଘର, (ଡି.ଏନ୍.ଏ.): ସୀମାନ୍ତରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ଅଭିଯୋଗରେ ରାଇଘର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେମାନେ ଭାରସୁଣ୍ଡି ଡିଏନକେ ଗ୍ରାମର ବବଲୁ ହାଲଦାର (୪୪), ଛତାବେଡା ଡିଏନକେ ଗ୍ରାମର ଇନ୍ଦ୍ରଜିତ ସରକାର(୨୭) ଓ ସୋନପୁର ଡିଏନକେ ଗ୍ରାମର ମିଲନ ରାୟ। ଅଭିଯୁକ୍ତମାନଙ୍କଠାରୁ ଶହେ ଲିଟର ମଦ ଜବତ କରାଯାଇଛି। ରାଇଘର ଥାନାଧିକାରୀ ଅଭୟ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସୀମାନ୍ତ ଗୋନା,ଟିମନପୁର ଅଞ୍ଚଳରେ ଚଡାଉ କରିଥିଲା। ଦୋକାନରେ ଅବାଧରେ ମଦ ବିକ୍ରି କରାଯାଉଥିବା ଦେଖି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ଏ ନେଇ ରାଇଘର ଥାନାରେ ୩୭/୨୧, ୩୮/୨୧ ଓ ୩୯/୨୧ରେ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଏସ୍‌ଡିପିଓଙ୍କୁ ସମ୍ବର୍ଦ୍ଧନା

ଉମରକୋଟ, ୨୪।୨(ସ୍ୱ.ପ୍ର.): ଉମରକୋଟ ପ୍ରେସ୍ କ୍ଲବ ପକ୍ଷରୁ ଏସ୍‌ଡିପିଓ ହେମନ୍ତ କୁମାର ପାଢ଼ୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ନୂତନ ଏସ୍‌ଡିପିଓ ଦିନେଶ କୁମାର ନାୟକଙ୍କୁ ସ୍ୱାଗତ କରାଯାଇଛି। ଉମରକୋଟ ହେଲ୍ପଲାଇନ ଅଫିସ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନାଧିକାରୀ ନରେଶ କୁମାର ପ୍ରଧାନ, ହେଲ୍ପଲାଇନ ଏମ୍‌ଡି ଦୁର୍ଗାପ୍ରସାଦ ମଲ୍ଲିକ, ସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ,ଉପସଭାପତି ଚନ୍ଦନା ମଲ୍ଲିକ, ପ୍ରେସ୍ କ୍ଲବ ସଭାପତି ମହେଶ୍ୱର ବେହେରା, ଉପସଭାପତି ସଞ୍ଜିତ ବିଶ୍ୱାସ, ସମ୍ପାଦକ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଯୁଗଳ କିଶୋର ସାହୁ, ଅନୁରାଗ ପଟ୍ଟନାୟକ, କୋଷାଧକ୍ଷ ସନ୍ତୋଷ କୁମାର ପାତ୍ର, ଆଇନ ପରାମର୍ଶଦାତା ନଳିନୀ ରଞ୍ଜନ ମିଶ୍ର, ଖବରଦାତା ସତ୍ୟବ୍ରତ ସାମଲ, ଗୋପାଳ ପଟ୍ଟନାୟକ, ମିଡିଆ ସେଲ୍ ଅଧକ୍ଷ ଗିରିଧାରୀ ମାଝି, ସଭ୍ୟ ଜିତେନ୍ଦ୍ର ମହାନ୍ତି, ନିରଞ୍ଜନ ବେହେରା, ହିମାଂଶୁ ଜେନା, ନାରାୟଣ ସାହୁ, ସନ୍ତୋଷ କୁମାର ଶତପଥୀ, ବାଳକୃଷ୍ଣ ସାହୁ, ନିରଞ୍ଜନ ଗଣ୍ଡ, ଜିତେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଲୋକଙ୍କୁ ସଚେତନ କରୁଛି ପୋଲିସ

ଟିକିରି, ୨୪।୨(ଡି.ଏନ୍.ଏ.): କାଶୀପୁର ବ୍ଲକ ଟିକିରିରେ ପୋଲିସ କରୋନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରୁଛି। ଏଥିସହ ଲୋକଙ୍କୁ ପୋଲିସ ପକ୍ଷରୁ ମାସ୍କ ବଣ୍ଟନ କରାଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ଥାନାଧିକାରୀ ବନ୍ଦନା ନାୟକ କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଏଏସ୍ଆଇ ନରେନ୍ଦ୍ର ବେହେରା, ଅଶୋକ ନାୟକ, ସନ୍ତୋଷ ଶିର୍କା, ସୀମା ମଣ୍ଡଳ, ସାମାଜିକ କର୍ମୀ ହରପ୍ରସାଦ ନାୟକଙ୍କ ସମେତ ଖବରଦାତାମାନେ ସାମିଲ ହୋଇଥିଲେ।

### ସଚେତନତା ବାର୍ତ୍ତା ପ୍ରଚାର କରୁଛି ପ୍ରଶାସନ

ଡାବୁଗାଁ, ୨୪।୨ (ଡି.ଏନ୍.ଏ.): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି। ଜନଗହଳି ସ୍ଥାନରେ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ପଲିଥିନ ବ୍ୟବହାର ନ କରିବାକୁ ଲୋକଙ୍କୁ ସଚେତନ କରାଯାଇଛି। ଅମାନିଆଙ୍କୁ ଜରିମାନା କରାଯାଇ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୨ବାଇକ୍ ମୁହାଁମୁହିଁ, ୧ ଗୁରୁତର

ଟିକିରି,୨୪।୨(ଡି.ଏନ୍.ଏ.): ଟିକିରି ଥାନା ଅଧୀନ ଉଷାପଡ଼ା ଭେନସ ଲଜ୍ ସମ୍ମୁଖରେ ବୁଧବାର ଦୁଇ ବାଇକ୍ ମୁହାମୁହିଁ ହୋଇ ଜଣେ ଗୁରୁତର ଏବଂ ୨ଜଣ ଆହତ ହୋଇଛନ୍ତି। ଗୁରୁତର ହେଲେ ଉଷାପଡ଼ା ଗ୍ରାମର ନବୀନ ଦୋରା। ନବୀନ ଟିକିରିରୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଦୋରାଗୁଡ଼ାସ୍ଥିତ ଡିମୁଡ଼ି ଗ୍ରାମର ରାଜେନ୍ଦ୍ର ବିଡିକା ଓ ରାକେଶଙ୍କ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ୩ଜଣଙ୍କୁ ଉଦ୍ଧାର କରି ଉଷାପଡ଼ାସ୍ଥିତ ଉତ୍କଳ ଆଲୁମିନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନବୀନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

### ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି

ମୁନିଗୁଡ଼ା/ରାୟଗଡ଼ା ଅଫିସ, ୨୪।୨ (ଡି.ଏନ୍.ଏ.): ରାୟଗଡ଼ା ଜିଲା ପାତ୍ରଗୁଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀଙ୍କ ବଦଳି ନିମନ୍ତେ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି। ଏ ନେଇ ବୁଧବାର ଏକ ଦାବିପତ୍ର ମୁନିଗୁଡ଼ା ବିଇଓଙ୍କୁ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଜଣକ ବିନା ବିଜ୍ଞାପନ ଓ ସୂଚନାରେ ସ୍କୁଲ ଶ୍ରେଣୀ ଗୃହରେ 'ମୋ ସ୍କୁଲ ଅଭିଯାନ'ରେ ସଭାପତି ଓ ମାତ୍ର କେତେଜଣ ସଦସ୍ୟଙ୍କୁ ନେଇ ସଭା କାର୍ଯ୍ୟ କରୁଛନ୍ତି। ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ପ୍ରଧାନ ଶିକ୍ଷକ ଓ କର୍ମଚାରୀଙ୍କ ସହ ସୁସମ୍ପର୍କ ନ ଥିବା ଯୋଗୁ ପିଲାଙ୍କ ପାଠପଢ଼ାରେ ମଧ ବାଧା ସୃଷ୍ଟି ହେଉଛି। କମ୍ ସଂଖ୍ୟକ ଲୋକଙ୍କୁ ନେଇ ସଭା କରିବା ବିଷୟରେ ଗ୍ରାମବାସୀ ଏବଂ କେତେଜଣ ପୂରାତନ ଛାତ୍ର ପଚାରିବାରୁ ପ୍ରଧାନ ଶିକ୍ଷକ ଜଣକ ଦୁର୍ବ୍ୟବହାର କରିଥିବା ସେମାନେ ଅଭିଯୋଗ ହୋଇଛି। ତେଣୁ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାର ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବଦଳି ନିମନ୍ତେ ଦାବି ହୋଇଛି। ଏହାର ଏକକିତା ନକଲ ରାୟଗଡ଼ା ଡିଇଓଙ୍କୁ ମଧ ପ୍ରେରଣ କରାଯାଇଥିବା ଜଣାପଡ଼ିଛି।

# ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍

- ସରିଲା ପଦ୍ମପୁର 'ଖ' ଜୋନ୍ ଉପନିର୍ବାଚନ
- ଗୁରୁବାର ଭାଗ୍ୟ ନିର୍ଦ୍ଧାରଣ

ପଦ୍ମପୁର,୨୪।୨ (ଡି.ଏନ୍.ଏ.)

ବହୁ ପ୍ରତିକ୍ଷିତ ରାୟଗଡ଼ା ଜିଲା ପଦ୍ମପୁର 'ଖ' ଜୋନ୍ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ ବୁଧବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଏଥିରେ କଂଗ୍ରେସ, ଭାଜପା, ବିଜେଡି ଏବଂ ସିପିଆଇ(ଏମ୍ଏଲ୍) ମୋଟ ୪ ପ୍ରାର୍ଥୀ ଉପ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ଏହି ଜୋନ୍‌ର ୭ପଞ୍ଚାୟତ ଯଥା ଗୁଲୁଗୁଡ଼ା, ଲିକିଟିପଦର, ନୂଆଗଡ଼, ତେମ୍ଭାଗୁଡ଼ା, ଆଖୁସିଂ, ଇନ୍ଦୁପୁର ଓ ଜାତିଲି ପଞ୍ଚାୟତର ୮୫ଟି ୱାର୍ଡ ନିମନ୍ତେ ୮୫ ବୁଥ୍‌ରେ ୨୧ ହଜାର ୯ଶହ ୫୫ ମତଦାତା ରହିଥିବାବେଳେ ସେଥିମଧ୍ୟରୁ ୧୬ହଜାର ୧ଶହ ୫୯ ମତଦାତା ନିଜର ମତ ସାବ୍ୟସ୍ତ କରିଥିବା ସୂଚନା ମିଳିଛି। ସେଥିମଧ୍ୟରୁ ୮୦୫୦ ମହିଳା ଏବଂ ୮,୧୦୯ ପୁରୁଷ ମତଦାତା ରହିଥିଲେ। ଏଥିରେ ସର୍ବମୋଟ ୭୩% ମତଦାନ ହୋଇଥିବା ଜଣାପଡ଼ିଛି। ଉପନିର୍ବାଚନ ନିମନ୍ତେ ପ୍ରତ୍ୟେକ ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର, ୨ପୋଲିଂ ଅଫିସରଙ୍କ ସମେତ ସୁରକ୍ଷା କର୍ମୀ ନିଯୁକ୍ତ ହୋଇଥିଲେ। ସେହିପରି ପ୍ରତ୍ୟେକ ପଞ୍ଚାୟତରେ ବୁଥ୍ ଗୁଡ଼ିକରେ ତଦାରଖ ନିମନ୍ତେ ଜଣେ ଲେଖାଏ ସେକ୍ଟର ଅଫିସର ଦାୟିତ୍ୱରେ ରହିଥିଲେ। ପଦ୍ମପୁର ନିର୍ବାଚନ ଅଧିକାରୀ ତଥା ବିଡିଓ ଦୟାମୟ ପାଢ଼ୀ ପ୍ରତ୍ୟେକ ବୁଥ୍ ଉପରେ କଡ଼ା ନଜର ରଖିଥିଲେ। ଭୋଟ ବାକ୍ସ ଗଡ଼ିକୁ ଗୁଣପୁର ଉପଜିଲାପାଳ ସୋନାଲ୍ ଜେନା, ବିଡିଓ, ତହସିଲଦାର ନୀଳମାଧବ ମାଝି ଏବଂ ୪ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ଭିତରେ ରୁମ୍‌ରେ ରଖି ସିଲ୍ କରାଯାଇଛି। ପଦ୍ମପୁର ଆଇଆଇସି ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ କରୁଣା ଶବର, ଭାଜପାର ବିଦ୍ୟା ଶବର, କଂଗ୍ରେସର ମାନୁଆଲ ମାଝି ଓ ସିପିଆଇ(ଏମ୍ଏଲ୍)ର ବାବୁଲା ମାଝିଙ୍କ ଭାଗ୍ୟ ଭୋଟ ବାକ୍ସ ମଧ୍ୟରେ ସିଲ୍ ହୋଇଥିବାବେଳେ ଗୁରୁବାର ଭାଗ୍ୟ ନିର୍ଦ୍ଧାରଣ ହେବ।



ପୋଲିଂ ଅଫିସର ଜଣେ ମତଦାତାଙ୍କ ହାତରେ କାଳି ଲଗାଉଛନ୍ତି।

# ସରିଲା ମେଟୁଖିଲିଙ୍ଗିରାଇ ସରପଞ୍ଚ ଉପନିର୍ବାଚନ

## ଗୁରୁବାର ଗଣତି, ଶୁକ୍ରବାର ଫଳାଫଳ



ତହସିଲଦାର ଜଣେ ଭୋଟରଙ୍କ ପରିଚୟପତ୍ର ଯାଞ୍ଚ କରୁଛନ୍ତି।

ଗୁଡ଼ାରି,୨୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ମେଟୁଖିଲିଙ୍ଗିରାଇ ସରପଞ୍ଚ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସ ମଧ୍ୟରେ ସିଲ୍ ହୋଇଛି। ୨୯୫୯ ମତଦାତାଙ୍କ ମଧ୍ୟରୁ ୨୨୮୧ଜଣ ମତଦାନ କରିଥିଲେ। ମୋଟ ୭୭.୦୮% ଭୋଟଦାନ ହୋଇଥିବା ଗୁଡାରି ବିଡିଓ ତଥା ନିର୍ବାଚନ ଅଧିକାରୀ ନୃସିଂହ ଚରଣ ସେଠୀ ସୂଚନା ଦେଇଛନ୍ତି। ସମସ୍ତ ୧୧ ମତଦାନ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାରେ ମତଦାନ ସରିଛି। କଡ଼ା ସୁରକ୍ଷା ମଧ୍ୟରେ ଭୋଟବାକ୍ସଗୁଡ଼ିକ ପଞ୍ଚାୟତ ଅଫିସକୁ ନିଆଯାଇ ନିର୍ବାଚନ ଅଧିକାରୀ, ମାଜିଷ୍ଟ୍ରେଟ୍, ଥାନାଧିକାରୀ, ସରପଞ୍ଚ ପ୍ରାର୍ଥୀ ଓ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି। ଭୋଟବାକ୍ସର ସୁରକ୍ଷା ନିମନ୍ତେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୁରୁବାର ସକାଳ ୮ଟାରେ ବ୍ଲକ୍ ଅଫିସରେ ଗଣତି ଆରମ୍ଭ ହେବ। ଶୁକ୍ରବାର ଫଳାଫଳ ଘୋଷଣା କରାଯିବ। ମତଦାନବେଳେ ଗୁଡାରି ତହସିଲଦାର ଭାରତୀ ଦେବୀ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ଏହି ଉପ ନିର୍ବାଚନରେ ଶାସକ ଦଳ ସମର୍ଥିତ ପ୍ରାର୍ଥୀ ରାମଚନ୍ଦ୍ର ଗମାଙ୍ଗ ଏବଂ କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ଯଶୋଦା ଶବରଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା।

# ସହରକୁ ସୁନ୍ଦର କରିବାରେ ମହିଳାଙ୍କ ଭୂମିକା ଯଥେଷ୍ଟ



ବୈଠକରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର, ୨୪।୨(ବି.ପ୍ର.)

ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ୱଚ୍ଛ ଚର୍ଚ୍ଚା ଦିବସ ପୌରପାଳିକା ଅଧିକାରୀ ଗୋରାଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହରବାସୀ ନିଜ ଦାୟିତ୍ୱକୁ ଠିକ୍‌ଭାବରେ ବୁଝି ଅଳିଆକୁ ବାହାରେ ନ ପକାଇବାକୁ ଜିଲାପାଳ ଅଜିତ୍ କୁମାର ମିଶ୍ର କହିଛନ୍ତି। ଏଥିସହ ଓଦା ଓ ଶୁଖିଲା ଅଳିଆକୁ ଅଲଗା କରି ଅଳିଆ ଗାଡିରେ ପାକାଇଲେ ଆମ ସହର ସ୍ୱଚ୍ଛ ଓ ସୁନ୍ଦର ହୋଇ ଗଢି ଉଠିବ ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ନବରଙ୍ଗପୁର ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା, ଡିଏଫଓ ମଗର ଧନଜ ରାଓସୋ, ଉପଜିଲାପାଳ ଭାସ୍କର ରଇତ ପ୍ରମୁଖ ଉପସ୍ଥିତ ଥିଲେ। ସହରର ପରିମଳ ବ୍ୟବସ୍ଥା ସୁଧାରିବାରେ ମହିଳାଙ୍କ ବିଶେଷ ଦାୟିତ୍ୱ ରହିଛି ବୋଲି ଅତିଥିମାନେ କହିଥିଲେ। ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଥିବା ଅସ୍ଥାୟୀ ଆଶ୍ରୟ ସ୍ଥଳୀ, ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ଓ ୨ଟି ଗୋଷ୍ଠୀ ଶୌଚାଳୟ ପରିଚାଳନା ଦାୟିତ୍ୱ ଏସ୍ଏଚ୍‌ଜି ଦଳକୁ ଦିଆଯାଇଛି। ସେହିଭଳି ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ଅଳିଆ ପୃଥକୀକରଣ ପାଇଁ ୫ ଜଣ ଜରି ଗୋଟାଳି ମହିଳାଙ୍କୁ ଥଇଥାନ କରାଯାଇଛି। ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଏବଂ ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଦିଆଯାଇଛି। କାର୍ଯ୍ୟକ୍ରମକୁ ରାମ ଶଙ୍କର ଦାସ, ଜ୍ୟୋତି ପରିଛା, ବବିତା ଖେମୁଣ୍ଡୁ, ମନୋଜ ଦତ୍ତ , ଶ୍ରୀକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱଚ୍ଛ ସାଥୀ, ଏସ୍ଏଚ୍‌ଜି ମହିଳା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ନିଯୁକ୍ତି

ରାୟଗଡ଼ା ଅଫିସ, ୨୪।୨

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥିଶଲ୍ୟ ବିଶେଷଜ୍ଞ ପଦବୀ ଖାଲିଥିଲା। ଏଠାରେ ମଙ୍ଗଳବାର ୨ଡାକ୍ତର ରଞ୍ଜନ କୁମାର ସାହୁ ଏବଂ ଡା. ସ୍ୱାମୀଙ୍କୁ ନିଯୁକ୍ତି ମିଳିଛି। ଏହି ବିଭାଗରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଲୋକେ ବହୁ ହଇରାଣ ହେଉଥିଲେ। ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବାରେ ମଧ ବିଳମ୍ବ ହେଉଥିଲା। ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ସଭାପତି ଅମରେନ୍ଦ୍ର ନାଥଙ୍କ ସହ ବିଭିନ୍ନ କର୍ମକର୍ତ୍ତା ଏ ଦିଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

# ୩କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

ନବରଙ୍ଗପୁର, ୨୪।୨(ବି.ପ୍ର.)

ନବରଙ୍ଗପୁର ସହର ସୀମାନ୍ତ ଇନ୍ଦ୍ରାବତୀ ପୋଲ ନିକଟରେ ବୁଧବାର ଏକ ଗଞ୍ଜେଇ ଭର୍ତ୍ତି ପିକ୍‌ଅପ ଗାଡିକୁ ପୋଲିସ ଜବତ କରିଛି। ଏହି ଘଟଣାରେ ବିହାରର ବେଶାଳୀ ଜିଲା ପାଟଣାସାହେବ ଗ୍ରାମର କହ୍ନେଇ କୁମାର ଦୁବେ(୨୬) ଓ ବିଟୁ କୁମାର(୧୯)ଙ୍କୁ ଗିରଫ କରାଯାଇଛି। ଜ୍ରପୁରରୁ ଗଞ୍ଜେଇ ବିହାରକୁ ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି। ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ପୋଲିସ ସନ୍ଦେହ କରି ପିକ୍‌ଅପ୍ ଗାଡି (ଓଡି-୧୮ବି-୨୭୮୪)କୁ ଥାନାକୁ ଆଣି ଯାଞ୍ଚ କରିଥିଲା। ଗାଡ଼ିରେ ସିକ୍ରେଟ ଚାମ୍ବର କରାଯାଇ ସେଥିରେ ୩କୁଇଣ୍ଟାଲ ୧୭କେଜି ଗଞ୍ଜେଇ ରଖାଯାଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ଏହି ଘଟଣାରେ କହ୍ନେଇ ଓ ବିଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନବରଙ୍ଗପୁର ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ତାରିକ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ହୋଇଥିବା ଯାଞ୍ଚରେ ରାମେଶ୍ୱର ପ୍ରଧାନ, କ୍ଷୀରସିନ୍ଧୁ ସାହୁ, ହେମନ୍ତ ହରିଜନ, ପ୍ରଭାକର ହରିଜନ, ପ୍ରଭାତ ହରିଜନ, କୃଷ୍ଣଚନ୍ଦ୍ର ବିଷୋୟୀ, ଏସ୍.ମାଝି, ଏସ୍.ଜାନି ଓ ଅନିଲ ପୃଷ୍ଟି ପ୍ରମୁଖ ଭାଗ ନେଇଥିଲେ।

# ଜମିଛି କୁଢ଼କୁଢ଼ ଅଳିଆ, ସଫା କରିବାକୁ ଦାବି



ଟିକିରି, ୨୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଆବର୍ଜନା ପଡିରହିଛି। ଜନବସତିଠାରୁ ଆରମ୍ଭକରି ରାସ୍ତା ଉପରେ କୁଢ଼କୁଢ଼ ଅଳିଆ। ସରକାର ସ୍ୱଚ୍ଛ ଭାରତ ମିଶନରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଏ ଦୃଶ୍ୟ ଦେଖିଲେ ସେ ସବୁ ପାଣିରେ ପଡୁଥିବା ଭଳି ମନେହେଉଛି। ଟିକିରି ଅଞ୍ଚଳରେ ଲୋକେ ଘରୋଇ ଆବର୍ଜନା ସବୁ ରାସ୍ତା କଡ଼ରେ ପକାଉଛନ୍ତି। ସେଥିରୁ ଦୁର୍ଗନ୍ଧ ବାହାରୁଛି। ସେହିଭଳି ଟିକିରି ଗୋକୁଳମୁଣ୍ଡ କଲଭର୍ଟ, ଶିବମନ୍ଦିର ନିକଟରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଏ ଦିଗରେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦିଅନ୍ତୁ। ଡଷ୍ଟବିନ୍ ବ୍ୟବସ୍ଥା ସହ ଅଳିଆ ଉଠାଇବା ଦିଗରେ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ଡାକ୍ତରଖାନାରେ ଭର୍ତ୍ତି ହେଲେ ଲୁସି

## ଧରିତ୍ରୀରେ ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

ଚନ୍ଦ୍ରପୁର,୨୪।୨(ଡି.ଏନ.ଏ)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ବୁଡ଼ିବାଲି ପଞ୍ଚାୟତ ସଦର ଆଦିବାସୀ ସାହିର ଲୁସି ଗଗେରଙ୍ଗା(୨୯) ଦୀର୍ଘ ୨ବର୍ଷ ଧରି ଏକାଧିକ ରୋଗରେ ପୀଡ଼ିତ ହୋଇ କୁଡ଼ିଆ ଘରେ ପଡ଼ି ରହିଥିଲେ। ନିଜର ବୋଲି କେହି ନ ଥିବାବେଳେ ବିପିଏଲ୍ ବର୍ଗର ହୋଇଥିଲେ ମଧ ସେ ଚିକିତ୍ସା ଏବଂ ଆବାସ ସୁବିଧାରୁ ବଞ୍ଚିତ ଥିବା ନେଇ ଫେବୃୟାରୀ ୧୯ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଦେଖିବାକୁ ମିଳିଛି। ମଙ୍ଗଳବାର ଚନ୍ଦ୍ରପୁର ସିଏଚ୍‌ସିର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଲୁସିଙ୍କ ନିକଟରେ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଲୁସିଙ୍କ ସମ୍ପର୍କୀୟ ଅବିନାଶ ଗଗେରଙ୍ଗା କହିଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଲୁସି ୨ବର୍ଷ ତଳେ ଅସୁସ୍ଥ ହେବାରୁ ପ୍ରଥମେ ଡାକ୍ତରଖାନା ଯାଇ ଦେଖାଇଥିଲେ। ତାଙ୍କୁ ଯକ୍ଷ୍ମା ହୋଇଥିବା ଚହଟ ହେବାପରେ ଡାକ୍ତର ଔଷଧ ଦେଇ ଛାଡ଼ିଦେଇଥିଲେ। ହେଲେ ଲୁସିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ପୁଣି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ହେଲେ ସେଠାରେ ତାଙ୍କୁ ମଧୁମେହ ରୋଗ ହୋଇଥିବା ଡାକ୍ତର କହିବା ସହ ବ୍ରହ୍ମପୁର ପଠାଇ ଦେଇଥିଲେ। ତେବେ ଲୁସିଙ୍କ ପାଖରେ ନିଜର ବୋଲି କେହି ନ ଥିବାବେଳେ ଅର୍ଥର ମଧ ଅଭାବ ଯୋଗୁ ସେ ବ୍ରହ୍ମପୁର ଯାଇ ନ ପାରି ଘରେ ପଡ଼ି ରହିଥିଲେ।



ଚିକିତ୍ସାଧୀନ ଲୁସି।

# ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ଗଣ ପରିଷଦର ଧାରଣା

## ବିସ୍ଥାପିତଙ୍କୁ କ୍ଷତିପୂରଣ ଦାବି

ତେନ୍ତୁଲିଖୁଣ୍ଟି, ୨୪।୨(ଡି.ଏନ୍.ଏ.)

ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ଗଣ ପରିଷଦ ପକ୍ଷରୁ ବିସ୍ଥାପିତଙ୍କ ବିଭିନ୍ନ ଦାବି ନେଇ ଶୋଭାଯାତ୍ରାରେ ଯାଇ ଜଳ ସମ୍ପଦ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଆଗରେ ଧାରଣା ଦିଆଯାଇଛି। ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଗଗନ ସାହୁ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ହଟିଥିଲା। ବିସ୍ଥାପିତଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ୬୧୩୩ ପରିବାର ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ସୁବିଧା ଦିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇ କେବଳ ନିରାଶ କରୁଛି। ନ୍ୟାୟ ଦାବି କରି ସେମାନେ ୨୦ବର୍ଷ ହେବ ଆନ୍ଦୋଳନ କରୁଛନ୍ତି। ୨୦୦୨ ପୁନର୍ବାସ ଓ ଥଇଥାନ ପରାମର୍ଶଦାତା କମିଟି ବୈଠକର ନିଷ୍ପତ୍ତି ପ୍ରକାରେ ସେମାନଙ୍କୁ କୌଣସି ସୁବିଧା ମିଳିନାହିଁ। ଏଣେ ଇନ୍ଦ୍ରାବତୀ କୋଲାବ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟକୁ ମଧ ଖାତିଗୁଡ଼ାରୁ ଜୟପୁର ଉଠାଇଦେବାକୁ ଚକ୍ରାନ୍ତ କରାଯାଉଛି। ଏହି ନିଷ୍ପତ୍ତିକୁ ବିରୋଧ କରାଯାଉଛି ବୋଲି ପରିଷଦ ସମ୍ପାଦକ ସୁଧୀର ସୁନା କହିଛନ୍ତି। ଏହି ଧାରଣାରେ ଈଶ୍ୱର ସୁନା, ଅନୀଲ ଖୁରା ପ୍ରମୁଖ ସାମିଲ ହୋଇଥିଲେ।

# ରାସ୍ତା, ପୋଲ କାମ ଆରମ୍ଭ କରାଯାଉ

## ଉନ୍ନୟନ କମିଶନରଙ୍କୁ ଦାବି ଜଣାଇଲେ ବିଧାୟକ



ଉନ୍ନୟନ କମିଶନରଙ୍କ ସହ ଝରିଗାଁ, ଧର୍ମଗଡ଼ ବିଧାୟକ ଆଲୋଚନା କରୁଛନ୍ତି।

ଚନ୍ଦାହାଣ୍ଡି, ୨୪।୨(ଡି.ଏନ୍.ଏ. )

ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି, କଳାହାଣ୍ଡି ଜିଲା ଧର୍ମଗଡ ବିଧାୟକ ମୌଷୋଧି ବାଗ୍ ରାଜ୍ୟ ଉନ୍ନୟନ କମିଶନର ପି.କେ. ଜେନାଙ୍କୁ ଭେଟିଛନ୍ତି। ନବରଙ୍ଗପୁର ଜିଲା ଝରିଗାଁରୁ କଳାହାଣ୍ଡି ଜିଲା ଗୋଟୋମୁଣ୍ଡାକୁ ରାସ୍ତା ନିର୍ମାଣ କରିବାକୁ ସେମାନେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝରିଗାଁ ଠାରୁ କଳାହାଣ୍ଡି ଗୋଟୋମୁଣ୍ଡାକୁ ରାସ୍ତା ସଂଯୋଗ ହେଲେ ଝରିଗାଁ–ଚନ୍ଦାହାଣ୍ଡି, ଚନ୍ଦାହାଣ୍ଡି–କଳାହାଣ୍ଡି, ଏବଂ ଜୟପୁରକୁ ସୁବିଧାରେ ବସ୍ ଚଳାଚଳ ସୁବିଧା ହେବ। ଏଥିସହ ଚନ୍ଦାହାଣ୍ଡି ଏବଂ ଝରିଗାଁର ବ୍ୟବସାୟିକ ଉନ୍ନତି ହୋଇପାରିବ। ଏହା ଛଡା ଝରିଗାଁ ନିର୍ବାଚନ ମଣ୍ଡଳିର ବନ୍ଦ ରହିଥିବା ପୋଲ କାମ ଆରମ୍ଭ, ଝରିଗାଁ ବ୍ଲକ ଚକଲାପଦରରୁ ଚନ୍ଦାହାଣ୍ଡି ବ୍ଲକ କୁହୁଡି ପର୍ଯ୍ୟନ୍ତ ରାସ୍ତା ସଂଯୋଗ କରିବାକୁ ଉନ୍ନୟନ କମିଶନରଙ୍କୁ ନିବେଦନ କରିଛନ୍ତି ବୋଲି ବିଧାୟକ ସୂଚନା ଦେଇଛନ୍ତି।

# ପାର୍କ ଭଳି ଭ୍ରମ ସୃଷ୍ଟି କରୁଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଉମରକୋଟ,୨୪।୨(ଡି.ଏନ୍.ଏ.)

ସାଧାରଣତଃ ସରକାରୀ ଡାକ୍ତରଖାନା ପରିବେଶ ଦେଖି ରୋଗୀ ଯିବାକୁ ଘୃଣା କରନ୍ତି। ଅପରିଷ୍କାର ପରିବେଶ ରୋଗ ଭଲ କରିବା ବଦଳରେ ରୋଗୀଙ୍କ ମାନସିକ ସ୍ଥିତି ବିଗାଡ଼ିଥାଏ। ହେଲେ ଡାକ୍ତରଖାନା ପରିସର ଯଦି ପାର୍କ ସଦୃଶ ସୁନ୍ଦର ହୋଇଥାଏ ଓ ଭଳିକି ଭଳି ଗଛ, ଫୁଲ ସାଙ୍ଗକୁ ପରିଷ୍କାର ରହିବ ତେବେ ରୋଗ ନିଶ୍ଚିତଭାବେ ଶୀଘ୍ର ଭଲ ହୋଇଯିବ। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ପୂଜାରିଗୁଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମିତି ପରିବେଶ ଦେଖିବାକୁ ମିଳିଛି। ଏହି ଡାକ୍ତରଖାନା ଲୋକଙ୍କ ମଧ୍ୟରେ ପାର୍କର ଭ୍ରମ ସୃଷ୍ଟି କରୁଛି।

ଉମରକୋଟଠାରୁ ମାତ୍ର ୧୫ କି.ମି. ଦୂରରେ ୫ଏକର ପରିମିତ ଜମିରେ ରହିଛି ଏହି ସ୍ୱାସ୍ଥ୍ୟକେନ୍ଦ୍ର। ମେଡିକାଲରେ ରୋଗୀଙ୍କ ବିଶ୍ରାମକକ୍ଷ, ୧୨ଶଯ୍ୟା ବିଶିଷ୍ଟ ପ୍ରସୂତି କକ୍ଷ, ଅନ୍ତଃ ବିଭାଗ ଏବଂ ଅନ୍ୟ ବିଭାଗ ରହିଛି। ଦୀର୍ଘ ୪୧ ବର୍ଷର ଏହି ଡାକ୍ତରଖାନାର ଚେହେରା ବଦଳିବା ପଛରେ ଜଣେ ଚିକିତ୍ସାଧିକାରୀ ଓ କର୍ମଚାରୀଙ୍କ ହାତ ରହିଛି। କେବଳ ଚିକିତ୍ସା ନୁହେଁ, ରୋଗୀଙ୍କ ନିମନ୍ତେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ଏଠାରେ ପ୍ରାଧାନ୍ୟ ଦିଆଯାଇଛି। ସରକାରୀ ଅନୁଦାନରେ ପୁରୁଣା କୋଠାର ଉନ୍ନତୀକରଣ କରାଯାଇଛି। ଏହା ପରିସରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବସିବାକୁ ବାହାରେ ବିଭିନ୍ନ ରଙ୍ଗର ବେଞ୍ଚ ବ୍ୟବସ୍ଥା ହୋଇଛି। ସେହିପରି ଡାକ୍ତରଖାନା ପରିସରରେ ବିଭିନ୍ନ କିସମର ଫୁଲଗଛ ସାଙ୍ଗକୁ ୪୦ ପ୍ରକାର ଔଷଧୀୟ ଚାରା, କିଚେନ୍ ଗାର୍ଡେନର ବିଭିନ୍ନ ପରିବାଗଛ ଏହାର ପରିବେଶକୁ ଆହୁରି ଆକର୍ଷଣୀୟ କରୁଛି। ଏହା ବ୍ୟତୀତ ଏଠାରେ ଶିଶୁଙ୍କ ଖେଳିବା ନିମନ୍ତେ ଝୁଲା ଓ ଉଦ୍ୟାନ କରାଯାଇଛି। ଅଣ ସଂକ୍ରମଣ ରୋଗୀଙ୍କ ପାଇଁ ଏସିଡି ପାର୍କ କରାଯାଇଛି। ମଧୁମେହ ଓ ରକ୍ତଚାପ ରୋଗୀଙ୍କୁ ଏଠାରେ ବ୍ୟାୟାମ ସହ ସୁସ୍ଥ ବାୟୁ ଗ୍ରହଣ ନିମନ୍ତେ ପରାମର୍ଶ ଦିଆଯାଉଛି। କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏହି ସମସ୍ତ କାମ ସମ୍ଭବ ହୋଇଛି। ଏହି ସୁନ୍ଦରତା ବଜାୟ ରଖିବା ନିମନ୍ତେ ଡାକ୍ତରଖାନା କର୍ମଚାରୀମାନେ ମିଳିତଭାବେ ଉଦ୍ୟମ କରୁଛନ୍ତି। ଏ ବିଷୟରେ ଡାକ୍ତର ଅଭୟ କୁମାର ଦେଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଏହାର ସମସ୍ତ ଶ୍ରେୟ କର୍ମଚାରୀଙ୍କର। ଦୁଇ ବର୍ଷ ହେଲା ଡାକ୍ତରଖାନାର ୨୮କର୍ମଚାରୀ ଏଠାରେ ପରିବାର ଭଳି ଚଳୁଛନ୍ତି। ପରସ୍ପର ମଧ୍ୟରେ ସହଯୋଗ ରଖି କାମ କରନ୍ତି। ଅନ୍ୟପକ୍ଷରେ ଡାକ୍ତର ଦେଙ୍କ ପ୍ରଚେଷ୍ଟା ଏବଂ କର୍ମଚାରୀଙ୍କ ସହଯୋଗରେ ଡାକ୍ତରଖାନା ରୋଗୀଙ୍କ ନିମନ୍ତେ ଏକ ସୁନ୍ଦର ପରିବେଶ ସୃଷ୍ଟି କରିପାରିଛି ବୋଲି ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ଉତ୍ତମ ସେବା ଓ ସୁସ୍ଥ ପରିବେଶ ଯୋଗୁ ଉମରକୋଟ, ଝରିଗାଁ, ରାଇଘର ବ୍ଲକ୍‌ରୁ ମଧ ଏଠାକୁ ରୋଗୀ ଆସନ୍ତି। ଚିକିତ୍ସାଳୟର ଉନ୍ନତି ଦିଗରେ ବ୍ଲକ ଓ ଜିଲା ପ୍ରଶାସନର ସହଯୋଗ ମଧ ରହିଛି। ତେଣୁ ଏହି ଚିକିତ୍ସାଳୟକୁ ଆଦର୍ଶ ରୂପେ ଗ୍ରହଣକରି ଅନ୍ୟ ଚିକିତ୍ସାଳୟଗୁଡ଼ିକୁ ମଧ ପରିବର୍ତ୍ତନ କରିବାକୁ ସାଧାରଣରେ ଦାବି ହେଉଛି। ତେବେ ଦୁର୍ଭାଗ୍ୟର ବିଷୟ ହେଲା, ପୂଜାରିଗୁଡ଼ା ସିଏଚ୍‌ସିରେ ୧୧ଜଣ ଚିକିତ୍ସକଙ୍କ ଆବଶ୍ୟକତା ରହିଥିବାବେଳେ ମାତ୍ର ୩ଜଣ ରହିଛନ୍ତି। ତେଣୁ ଏଠାରେ ଅଧିକ ଚିକିତ୍ସକ ନିଯୁକ୍ତ କରିବା ନିମନ୍ତେ ଦାବି ହେଉଛି।



